


ଆସାମରେ ଗଣହତ୍ୟା: ୬ ଯବାନ ସମେତ ୧୧ ରେଳ କର୍ମଚାରୀ ନିହତ, ନଟବରଙ୍କ ପୁଅ ଜଗଜିତଙ୍କ ଘରୁ ହତ୍ୟା ଅଭିଯୁକ୍ତ ଗିରଫ, ବି











ଭୁବନେଶ୍ୱରରେ ଆଇଆଇଟି ପ୍ରତିଷ୍ଠା ଲାଗି ଜାନକୀ ବଲ୍ଲଭ ଓ ଚନ୍ଦ୍ରଶେଖରଙ୍କ ଦାବି---

## ଭୁବନେଶ୍ୱରରେ ଆଇଆଇଟି ପ୍ରତିଷ୍ଠା ଲାଗି ଜାନକୀ ବଲ୍ଲଭ ଓ ଚନ୍ଦ୍ରଶେଖରଙ୍କ ଦାବି

ଭୁବନେଶ୍ୱର (ଇମିସ): ଭୁବନେଶ୍ୱରରେ ଆଇଆଇଟି ଖଡ଼ଗପୁରର ସ୍ୱୟଂ ସଂପୂର୍ଣ କ୍ୟାମ୍ପସ୍ ପ୍ରତିଷ୍ଠା ଲାଗି ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ କେନ୍ଦ୍ର ଶ୍ରମ ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହଙ୍କ ନିକଟରେ ଦାବି କରିଛନ୍ତି । ଏତି ମର୍ମରେ ଶ୍ରୀ ପଟ୍ଟନାୟକ ଏବଂ ଶ୍ରୀ ସାହୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ଶ୍ରୀ ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି, ସେ ମୁଖ୍ୟମନ୍ତ୍ରୀ ଥିବା ବେଳେ ୧୯୯୫ରେ ଯେତେବେଳେ ଆଇଆଇଟି ଖଡ଼ଗପୁର ଭୁବନେଶ୍ୱରରେ ଏହାର ଏକ ସଂପ୍ରସାରିତ ଶାଖା ଆଇଆଇଟି ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲା ସେତେବେଳେ ସେ ତୁରନ୍ତ ଏହାକୁ ଅନୁମୋଦନ ଦେଇଥିଲେ ଏବଂ ଆଇଆଇଟି ପ୍ରତିଷ୍ଠା ନିମନ୍ତେ ମାଗଣାରେ ଜମି ଯୋଗାଇ ଦେଇଥିଲେ । ୧୯୯୬ ମସିହାରୁ ଆଇଆଇଟି ଖଡ଼ଗପୁରର ଭୁବନେଶ୍ୱର କ୍ୟାମ୍ପସ୍‌ରେ ୪ଟି ସ୍ନାତକୋତ୍ତର ବୈଷୟିକ ପାଠ୍ୟକ୍ରମରେ ଶିକ୍ଷାଦାନ ଅବ୍ୟାହତ ରହିଛି । ବର୍ତମାନ ସ୍ୱୟଂ ସଂପୂର୍ଣ ଆଇଆଇଟି କ୍ୟାମ୍ପସ୍ ପ୍ରତିଷ୍ଠା ଲାଗି ମାଗଣାରେ ୩୦୦ ଏକର ଜମି ଯୋଗାଇ ଦେବାକୁ ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଏହାକୁ ଶୀଘ୍ର ପ୍ରତିଷ୍ଠା କରାଯିବା ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ପଟ୍ଟନାୟକ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ସିଂହଙ୍କୁ ଅନୁରୋଧ କରିଛନ୍ତି । ଗତ ୧୯୯୬ ମସିହାରେ ଜାନକୀ ବାବୁଙ୍କ ନେତୃତ୍ୱାଧୀନ ତତ୍କାଳୀନ କଂଗ୍ରେସ ସରକାର ଅମଳରେ ଭୁବନେଶ୍ୱରରେ ଆଇଆଇଟି ଖଡ଼ଗପୁରର ଏକ ସଂପ୍ରସାରିତ ଶାଖା ପ୍ରତିଷ୍ଠା ସମ୍ଭବ ହୋଇଥିଲା । ଏହାକୁ ପରବର୍ତୀ ସମୟରେ ସ୍ୱୟଂ ସଂପୂର୍ଣ ଆଇଆଇଟିରେ ପରିଣତ କରାଯିବାକୁ ପ୍ରସ୍ତାବ ଥିଲା । କିନ୍ତୁ ଏକ ଦଶନ୍ଧି ମଧ୍ୟରେ ଏହା ସମ୍ଭବ ହୋଇନାହିଁ । ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ଥିବା ସଂପ୍ରସାରିତ ଆଇଆଇଟି କ୍ୟାମ୍ପସ୍‌କୁ ସ୍ୱୟଂ ସଂପୂର୍ଣ କ୍ୟାମ୍ପସ୍‌ରେ ପରିଣତ କରିବାକୁ ଏହା ମଧ୍ୟରେ ଆଇଆଇଟି ଖଡ଼ଗପୁର ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି । ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଶ୍ରମ ମନ୍ତ୍ରୀ ଶ୍ରୀ ସାହୁ ଦାବି କରିଛନ୍ତି । ଏହା ହେଲେ ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଛା














ବିତର୍କ/ମତାମତ ସଂଗ୍ରହ

**ବର୍ଷ ବର୍ଷ ଧରି ଅଦାଲତରେ ବିଚାର ମାମଲାଗୁଡ଼ିକ ପଡ଼ିରହିବା ଦ୍ୱାରା ଅପରାଧକୁ ପ୍ରୋତ୍ସାହିତ କରାଯାଉନାହିଁ କି ?**

- ହଁ
- ନା
- ଅନ୍ୟାନ୍ୟ

Vote

ତ୍ରଛାତ୍ରୀମାନେ ଉଚ୍ଚତର ବୈଷୟିକ ଶିକ୍ଷା ଲାଭର ସୁଯୋଗ ପାଇପାରିବେ ବୋଲି ଶ୍ରୀ ପଟ୍ଟନାୟକ ଓ ଶ୍ରୀ ସାହୁ ଆଶା ପ୍ରକାଶ କରିଛନ୍ତି ।

## ମୁଖ୍ୟଖବର

- ପୁଚିଲୋ ଯା ଘୁଞ୍ଚିଲୋ...
- ଆସାମରେ ଗଣହତ୍ୟା: ୬ ଯବାନ ସମେତ ୧୧ ରେଳ କର୍ମଚାରୀ ନିହତ
- ବରୁଣଙ୍କ ସ୍ୱପ୍ନ ଭଂଗ, ବିଦିଶାରୁ ରାମପାଲ ବିଜେପି ପ୍ରାର୍ଥୀ
- ତଳସରା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି: ୩୦ରେ ଭୋଟ, ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ
- ଜାତୀୟ ଓପନ୍ ଆଥ୍ଲେଟିକ୍ସ ଅନୁରାଧାଙ୍କୁ ସ୍ୱର୍ଣ
- ସରକାର ପଶୁବଳି ସପକ୍ଷ ନା ବିପକ୍ଷରେ? ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ
- ଆଇନ୍ କ'ଣ କହୁଛି...
- ମଧୁବାବୁ ଜନ୍ମମାଟିରେ ବି ଅସୁରକ୍ଷିତ, ମୂର୍ତ୍ତି ଭଙ୍ଗା ନେଇ ସାଲେପୁରରେ ଉତ୍ତେଜନା
- ସଡ଼କ ଦୁର୍ଘଟଣାରେ ୫ ମୃତ, ୧୫ ଆହତ
- ୟୁପିକୁ ଯୁବତୀ ଚାଲାଣ ର୍ୟାକେଟ୍: ୫ ଦଲାଲ ଗିରଫ
- ବ୍ରିଟେନରେ ଯୁଆଡ଼େ ଖୋଜିବ ଭାରତୀୟଙ୍କୁ ପାଇବ
- ନଟବରଙ୍କ ପୁଅ ଜଗଜିତଙ୍କ ଘରୁ ହତ୍ୟା ଅଭିଯୁକ୍ତ ଗିରଫ
- ଜେସିକା ଲାଲ ହତ୍ୟା ମାମଲା: ବିନୋଦ ଶର୍ମା ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ
- ଡେଙ୍ଗୁରେ ୪୬ ଜଣଙ୍କର ମୃତ୍ୟୁ
- ଗାନ୍ଧି ଆଶ୍ରମରେ ଇଣ୍ଡିଜ୍ ଓ ଜିମ୍ବାୱେ ଦଳ
- ବନ୍ଧୁକ ଦେଖାଇ ୨ ଲକ୍ଷ ଟଙ୍କା ଲୁଟ୍
- ପିସିବି ଅଧ୍ୟକ୍ଷ ପଦରୁ ସାହାରିୟାର୍‌ଙ୍କ ଇସ୍ତଫା
- ବର୍ଷା ୧୦ ବର୍ଷର ରେକର୍ଡ ଭାଙ୍ଗିଲା









ଫଳାଫଳ

ଠକ ଯି
ନୋକ.
ନେବା
ଠକ ଦ୍ରୁ
ରାଜେ

**News letter**

**Newsletter Signup**

Name*

Email*

Subscribe

Unsubscribe

** You can Put your Scrolling Ad's here for just Rs. 599/ per month, for more information contact

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 *